ଓଡ଼ିଶା ସରକାର



# ବଜେଟ୍
## ୨୦୧୬-୧୭

## କୃଷି
### ପ୍ରଥମ ଭାଗ

**ଶ୍ରୀ ପ୍ରଦିପ କୁମାର ଅମାତ**
ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୧୮ ମାର୍ଚ୍ଚ ୨୦୧୬

ମାନ୍ୟବର ବାଚସ୍ପତି ମହୋଦୟ !

ମୁଁ 2016-17 ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ କରିବାକୁ ଯାଉଛି । ଏହି ବର୍ଷ ଅର୍ଥାତ୍ 2016-17 ଆର୍ଥିକ ବର୍ଷ ଅନେକ ଦୃଷ୍ଟିରୁ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ***ନବକଳେବର*** ପରବର୍ତ୍ତୀ ବର୍ଷ । ନବକଳେବର ହେଉଛି ଆମ ରାଜ୍ୟର ପୀଠାସୀନ ଠାକୁର ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନବୀକରଣର ମହୋତ୍ସବ । ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ଶକ୍ତିର ଚିରନ୍ତନ ଉତ୍ସ, ଆମ ରାଜ୍ୟର ବିବିଧ ସଂସ୍କୃତିର ପରିଚିତି ଓ ପ୍ରତୀକ ।

2. ଏହି ବର୍ଷ ମଧ୍ୟ ଆମ ରାଜ୍ୟ ଏହି ମହାନ ଦେଶର ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ସ୍ୱୀକୃତି ପାଇଥିବାର ୫0 ତମ ବର୍ଷ ଅଟେ । ସମଗ୍ର ଦେଶରେ ଓଡିଶା ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ । ମୁଁ ଏହି ଅବସରରେ ସବିନୟ, ରାଜ୍ୟର ୫0 ତମ ବଜେଟ୍ ଉପସ୍ଥାପନ କରିବାରେ ନିଜକୁ ଗୌରବାନ୍ୱିତ ମନେକରୁଛି ।

3. ଏହି ବର୍ଷ ମଧ୍ୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜନ୍ମ ଶତବାର୍ଷିକୀ ପାଳିତ ହେଉଛି । ବିଜୁ ପଟ୍ଟନାୟକ ଏହି ମହାନ ମାଟିର କୋଟି କୋଟି ଜନତାଙ୍କ ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

4. ଅତୀତକୁ ଦୃଷ୍ଟି ଫେରାଇଲେ ଏହା ମଧ୍ୟ ଏକ ନିର୍ଣ୍ଣାୟକ ବର୍ଷ । ଆମ ରାଜ୍ୟ 2036 ମସିହାରେ ସ୍ୱତନ୍ତ୍ର ରାଜ୍ୟ ହେବାର ଶହେ ବର୍ଷରେ ପଦାର୍ପଣ କରିବ । ଶହେ ବର୍ଷ ପୂର୍ତ୍ତି ଅବସରରେ ଆତ୍ମନିରୀକ୍ଷଣ ସହ

ନୂତନ ଲକ୍ଷ୍ୟ, ନୂତନ ସ୍ୱପ୍ନ ଓ ଭବିଷ୍ୟତ ପାଇଁ ଏକ ନୂଆ ରାହା ଧରିବାର ଅଭିଳାଷ ଜାଗ୍ରତ ହେଉଛି ।

5. ମତେ ଏହି ଐତିହାସିକ ବଜେଟ୍ ଆଗତ କରିବାକୁ ସୁଯୋଗ ଦେଇଥିବାରୁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଉଛି । ସମସ୍ତେ ଏକମତ ହୋଇ କେନ୍ଦ୍ର ବଜେଟ୍ ଆଗତ ପରେ ରାଜ୍ୟ ବଜେଟ୍ ଆଗତ ପାଇଁ ନିଷ୍ପତ୍ତି ନେଇଥିବାରୁ ମୁଁ ମାନ୍ୟବର ବାଚସ୍ପତି, ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳର ନେତା ଏବଂ ସମସ୍ତ ରାଜନୈତିକ ଦଳର ନେତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

6. ବଜେଟ୍ ଉପସ୍ଥାପନର ୫୦ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଁ ପୂର୍ବତନ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ବାଚସ୍ପତି ଏବଂ ବିଧାନସଭାର ସଦସ୍ୟ ମାନଙ୍କର ରାଜ୍ୟ ଗଠନରେ ସମୂହ ବିଧାୟୀ ବିଜ୍ଞତା ଓ ଅବଦାନକୁ କୃତଜ୍ଞତାର ସହ ସ୍ମରଣ କରୁଛି ।

7. 2016-17 ଆର୍ଥିକ ବର୍ଷର ବଜେଟ୍ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗଟି କୃଷି ବଜେଟ୍ ଏବଂ ଦ୍ୱିତୀୟ ଭାଗଟି ସାଧାରଣ ବଜେଟ୍ ।

## କୃଷି ବଜେଟ୍

8. ଯେଉଁ କେତୋଟି ରାଜ୍ୟ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିଛନ୍ତି ସେଥି ମଧ୍ୟରୁ ଓଡିଶା ଅନ୍ୟତମ । ଏ ଦିଗରେ ଆଉ ପାଦେ ଆଗେଇ ଯାଇ ଆମ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର କୃଷି କ୍ୟାବିନେଟ୍ ଗଠନ କରିଛନ୍ତି । ଏହା କ୍ୟାବିନେଟ୍‌ର ଏକ କମିଟି । କୃଷି ବିଭାଗର ନାମ ପରିବର୍ତ୍ତନ କରାଯାଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ

ରଖାଯାଇଛି । ମୁଁ ଏହି ପବିତ୍ର ଗୃହକୁ ସୁନିଶ୍ଚିତ କରିବାକୁ ଚାହେଁ ଯେ ଏହା କେବଳ ପ୍ରତୀକଧର୍ମୀ ନୁହେଁ ବରଂ କୃଷକ କୈନ୍ଦ୍ରୀକ ଉନ୍ନୟନ ଖସଡ଼ା ପାଇଁ ଏକ ସୁଚିନ୍ତିତ ଉଦ୍ୟମ । କୃଷି ଓ କୃଷିକ୍ଷେତ୍ରରେ ପାରିବାରିକ ଆୟ ବୃଦ୍ଧି ବିନା ଓଡିଶାରେ ଦାରିଦ୍ର୍ୟକୁ ସମ୍ପୁର୍ଣ୍ଣଭାବେ ଦୂର କରାଯାଇପାରିବ ନାହିଁ, କି ଆଞ୍ଚଳିକ ବୈଷମ୍ୟ ଭଳି ଜଟିଳ ବିଷୟର ସମାଧାନ ହୋଇପାରିବ ନାହିଁ ।

**9.** 2013-14 ଆର୍ଥିକ ବର୍ଷରୁ ସ୍ୱତନ୍ତ୍ର ଭାବେ କୃଷି ବଜେଟ୍ ଜଳସମ୍ପଦ, କୃଷି, ସମବାୟ, ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ ପାଇଁ ପ୍ରସ୍ତୁତ ହେଉଛି । ନୂତନ ଭାବେ ଗଠିତ କୃଷି କ୍ୟାବିନେଟ୍ ଏସବୁ କ୍ଷେତ୍ରରେ ପାଣ୍ଠିର ଆବଶ୍ୟକତାକୁ ନେଇ ବିଚାର ବିମର୍ଷ କରିଛନ୍ତି । ତଦନୁସାରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2016-17 ଆର୍ଥିକ ବର୍ଷରେ 13,181.୫୨ କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି ଯାହା ବିଗତ ବର୍ଷର ଅଟକଳ ଅନୁସାରେ 20.୫୨ ପ୍ରତିଶତରୁ ଅଧିକ ଅଟେ । କୃଷି ବଜେଟ୍ ଅଟକଳ 2016-17 ଆର୍ଥିକ ବର୍ଷର ମୋଟ ବ୍ୟୟ ଅଟକଳର ପ୍ରାୟ 14.02 ପ୍ରତିଶତ ଅଟେ ।

**10.** ସମଗ୍ର ଦେଶରେ ନିଅଣ୍ଟିଆ ମୌସୁମୀ, କୃଷି କ୍ଷେତ୍ରର ପ୍ରଦର୍ଶନକୁ ପ୍ରତିହତ କରିଛି । ଏହା କୃଷି ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନ ଉପରେ ପ୍ରଭାବ ପକାଇଛି । ଯାହାହେଉ, ଆମ କୃଷକମାନଙ୍କର କଠିନ ପରିଶ୍ରମ ଯୋଗୁଁ ବିଗତ ପାଞ୍ଚ ବର୍ଷରେ ରାଜ୍ୟ ଚତୁର୍ଥ ଥର ପାଇଁ କୃଷିକର୍ମଣ ପୁରସ୍କାର ପାଇଛି । ଏହି ପରିପ୍ରେକ୍ଷୀରେ ଆମେ କୃଷି ବଜେଟ୍ ପ୍ରସ୍ତୁତ କରିଛୁ ।

11. ଆମ ସରକାର କୃଷକ ମାନଙ୍କର ସମସ୍ୟା ଗୁଡ଼ିକୁ ଦୂର କରିବା ପାଇଁ କେତେକ ପଦକ୍ଷେପ ନେଇଛନ୍ତି । ସେଗୁଡିକ ହେଲା କ୍ଷତିପୂରଣ, ରିଲିଫ୍ ଓ କୃଷି ସାମଗ୍ରୀ ବ୍ୟବସ୍ଥା, ରକ୍ଷଣାତ୍ମକ ଜଳସେଚନ ସୁବିଧା ଏବଂ ଅନ୍ୟାନ୍ୟ ସହାୟକ ନୀତି ଓ କାର୍ଯ୍ୟକ୍ରମ । ଆମେ ମଧ୍ୟ ମରୁଡିର ପ୍ରଭାବକୁ ହ୍ରାସ କରିବା ପାଇଁ ଆମର କାର୍ଯ୍ୟକ୍ରମ ଗୁଡ଼ିକୁ ନୂତନ ରୂପରେଖ ଦେଇଛୁ । କୃଷି କ୍ଷେତ୍ରରୁ ଆୟକୁ ବୃଦ୍ଧି କରିବା ପାଇଁ ଆମେ ଜଳସେଚନରେ ଅଧିକ ପୁଞ୍ଜି ନିବେଶ, ଆନୁଷ୍ଠାନିକ ଋଣ ପାଇବାର ସୁବିଧା, ଗୁଣାତ୍ମକ ବିହନ, ସାର ଓ କୀଟନାଶକ ଔଷଧ ଆଦି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କରିଛୁ । ତତ୍ ସଙ୍ଗେସଙ୍ଗେ ଆମେ ଶସ୍ୟ ବିବିଧିକରଣ ଯଥା ଖାଦ୍ୟଶସ୍ୟ  ଚାଷରୁ ଡାଲି ଜାତୀୟ ଶସ୍ୟ ଏବଂ ମାଣ୍ଡିଆ ଚାଷ, ଉନ୍ନତ ବୈଷୟିକ ଜ୍ଞାନ କୌଶଳ ହସ୍ତାନ୍ତର ନିମନ୍ତେ ସଂପ୍ରସାରଣ ପଦ୍ଧତିକୁ ପୁନଃଜୀବିତ କରିବା ସଙ୍ଗେସଙ୍ଗେ ଆର୍ଥିକ ସାହାଯ୍ୟ ବ୍ୟବସ୍ଥା ଜରିଆରେ ବଜାର ସହ ସଂଯୋଗୀକରଣ, ଶସ୍ୟ ସଂରକ୍ଷଣ ଏବଂ ପରିବହନ, ବିପତ୍ତି ପ୍ରଶମନ ଏବଂ ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଉଛୁ ।

12. କୃଷି କ୍ଷେତ୍ରରେ ଶିଳ୍ପଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବାର ଆବଶ୍ୟକତା ରହିଛି । କୃଷି ଭିତ୍ତିକ ଶିଳ୍ପ ଏବଂ ଔଦ୍ୟୋଗିକ ବିକାଶ ପାଇଁ ପ୍ରାରମ୍ଭିକ ପାଣ୍ଠି (Start-up Fund) ସ୍ଥାପନର ଆମେ ପ୍ରସ୍ତାବ ରଖିଛୁ ।

13. ଆମ ପାଇଁ ଏକାଭିମୁଖତା (Convergence) ହେଉଛି ଭବିଷ୍ୟତର ପରିଭାଷା । ଏଥିପାଇଁ ଆମକୁ ପ୍ରାକୃତିକ, ଆର୍ଥିକ ଓ ମାନବ ସମ୍ବଳର ଏକୀକରଣ କରିବାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ପ୍ରଥମ କରି

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA), ଜଳବିଭାଜୀକା ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ଓ ସେଚାଞ୍ଚଳ ଉନ୍ନୟନ ଯୋଜନା ମଧ୍ୟରେ ଏକାଭିମୁଖତା ସୃଷ୍ଟି କରିବାର ପ୍ରକିୟା ଆରମ୍ଭ ହୋଇଛି ।

**ଜଳସମ୍ପଦ**

**14.** ଜଳସେଚନ ହେଉଛି କୃଷିର ଜୀବନ ରେଖା । ଏହା ମୌସୂମୀର ଅନିଶ୍ଚିତତାରୁ କୃଷକର ଦୁର୍ଦ୍ଦଶାକୁ ପ୍ରଶମିତ କରିଥାଏ ଏବଂ ଏହା ମଧ୍ୟ ବିବିଧ ଶସ୍ୟ ଚାଷ ଜରିଆରେ ଉତ୍ପାଦକତା ଓ ଆୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବାସ୍ତବରେ ଜଳସେଚିତ ଅଞ୍ଚଳ ଏବଂ ଜଳସେଚନ ସାମର୍ଥ୍ୟ ସୃଷ୍ଟି ହେବାର ସମ୍ଭାବନା (Potential) ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାର ଆବଶ୍ୟକତା ରହିଛି । ଜଳର ବ୍ୟବହାରିକ କ୍ଷମତାରେ ଉନ୍ନତି ସହ ଆମେ ଜଳସେଚିତ ଜମି ବୃଦ୍ଧି କରିପାରିବା ଏବଂ ଜଳ ସଂରକ୍ଷଣ ମଧ୍ୟ ହୋଇପାରିବ ।

**15.** ଚାଷ ହେଉଥିବା ଜମିର ବହୁ ଅଞ୍ଚଳ ଜଳସେଚିତ ହୋଇପାରିନାହିଁ । ଆଗାମୀ ପାଞ୍ଚ ବର୍ଷ- 2014-19 ମଧ୍ୟରେ ଆମେ ଅତିରିକ୍ତ 10 ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବାର ଯୋଜନା ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ଅତିରିକ୍ତ 2 ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିଛି । 2016-17 ଆର୍ଥିକ ବର୍ଷରେ ଆମେ ଆଉ 2.57 ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିପାରିବୁ । ଚାଲୁରହିଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ବୃହତ୍ ଉଠା ଜଳସେଚନ, ଅଗଭୀର ଏବଂ ଗଭୀର ନଳକୂପ ସ୍ଥାପନ ଏବଂ ଅଣୁ

ଜଳସେଚନ ସୁବିଧା ଦ୍ୱାରା ଜଳ ବ୍ୟବହାର ପରିସରକୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି । ଏହା ଫସଲ ଢାଞ୍ଚାରେ ପରିବର୍ତ୍ତନ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ରକ୍ଷଣାତ୍ମକ ଜଳସେଚନ ଜରିଆରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ପ୍ରଶମିତ କରିବ ।

**16.** 2016-17 ଆର୍ଥିକ ବର୍ଷରେ ତ୍ୱରିତ ଜଳ ସେଚନ ସୁବିଧା ଯୋଜନା ଅନ୍ତର୍ଗତ ରୁକୁରା ଏବଂ ନିମ୍ନ ଇନ୍ଦ୍ର ବୃହତ ଜଳସେଚନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ, ଯଦିଓ ଏଥିପାଇଁ 2012-13 ଆର୍ଥିକ ବର୍ଷରୁ କେନ୍ଦ୍ର ସରକାରଙ୍କର ସହାୟତା ମିଳୁନାହିଁ । କ୍ଷୁଦ୍ର ଜଳସେଚନ କ୍ଷେତ୍ରରେ 213 ଗୋଟି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ଚିହ୍ନିତ ହୋଇଛି ତନ୍ମଧ୍ୟରୁ 30 ଗୋଟି ପ୍ରକଳ୍ପ ଚଳିତ ବର୍ଷ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ 183 ଗୋଟି ପ୍ରକଳ୍ପ 2016-17 ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହେବ । ପ୍ରାୟ 3 ରୁ 5 ବର୍ଷ ମଧ୍ୟରେ 2 ଟି ମଧ୍ୟମ ଜଳ ସେଚନ ପ୍ରକଳ୍ପ ଯଥା କୁସୁମୀ ଏବଂ ବାଙ୍କତିରା ସମ୍ପୂର୍ଣ୍ଣ ହେବା ପାଇଁ ଚିହ୍ନିତ ହୋଇଛି । ଏଥିରେ ବିସ୍ତୃତ ଅଞ୍ଚଳକୁ ଜଳମଗ୍ନ ନକରି ଏବଂ ଜଙ୍ଗଲ ଜମିକୁ ଉପଯୋଗ ନକରି ଶକ୍ତି ଚାଳିତ ପାଇପ ଜରିଆରେ ଜଳ ବଣ୍ଟନ ନେଟୱାର୍କ ସୃଷ୍ଟି କରାଯିବ । ସ୍ୱଳ୍ପ ଅର୍ଥ ବିନିଯୋଗରେ ଆମେ ହରଭଙ୍ଗୀ, ବାଘ୍ ଏବଂ ମଞ୍ଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ଆୟକଟ ବୃଦ୍ଧି କରି ଅତିରିକ୍ତ ଜମିକୁ ଜଳସେଚିତ କରିପାରିବୁ ।

**17.** ଆମେ ସଫଳ ଭାବେ କଳାହାଣ୍ଡି ଜିଲ୍ଲାର ଲାଇତାରା ଠାରେ ପ୍ରଥମ ବୃହତ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିଛୁ । ଏହି ପ୍ରକଳ୍ପ Turnkey ଚୁକ୍ତି ଜରିଆରେ EPC ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । 2016-17 ଆର୍ଥିକ ବର୍ଷରେ 40ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

ସମ୍ପୂର୍ଣ୍ଣ କରିବାକୁ ପ୍ରସ୍ତାବ ରଖିଛୁ । ଜଳକ୍ଲିଷ୍ଟ ଅଞ୍ଚଳରେ ଭୂ-ତଳ ଜଳର ବିନିଯୋଗ ପାଇଁ 17500 ଗଭୀର ଓ ଅଗଭୀର ନଳକୂପ ସ୍ଥାପନ କରାଯିବ । ଏଥି ସହିତ ନଦୀକୂଳରେ 1900 ଅଣୁ ଉଠା ଜଳସେଚନ ପଏଣ୍ଟ 2016-17 ଆର୍ଥିକ ବର୍ଷରେ ସ୍ଥାପନ କରାଯିବ । ଏହି ଉଠା ଜଳସେଚନ ପଏଣ୍ଟ ସ୍ୱଳ୍ପ ସମୟ ମଧ୍ୟରେ ଜଳସେଚନ ସୁବିଧା ସୃଷ୍ଟି କରିବାରେ ସହାୟକ ହେବ ଏବଂ ମରୁଡି ସୁରକ୍ଷା ପଦକ୍ଷେପ ସ୍ୱରୂପ କାର୍ଯ୍ୟ କରିବ । ଏହିସବୁ ଉଠା ଜଳସେଚନ ପଏଣ୍ଟ ଦ୍ୱାରା 1.19 ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ ।

**18.** ବହୁଳ ଭାବରେ ଆଡିବନ୍ଧ (Check Dam) ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ଯାହା କ୍ଷୁଦ୍ର ନଦୀ ମଧ୍ୟରେ ଜଳ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ଭୂତଳ ଜଳକୁ ମଧ୍ୟ ବୃଦ୍ଧି କରାଯାଇପାରିବ ଓ ଘରୋଇ ଆବଶ୍ୟକତାର ପୂରଣ ସହ ପାର୍ଶ୍ୱବର୍ତ୍ତୀ ଗ୍ରାମ ଜଳସେଚିତ ହୋଇପାରିବ । ଜନସାଧାରଣ ଚାହିଦା ମୁତାବକ ସରକାରଙ୍କର ଏହି କାର୍ଯ୍ୟକ୍ରମ ରୂପାୟନ ହୋଇ ଲୋକପ୍ରିୟ ହୋଇପାରିଛି । ଡିସେମ୍ବର 2015 ସୁଦ୍ଧା ନିର୍ମିତ ହୋଇଥିବା 7481 ଆଡିବନ୍ଧ ଦ୍ୱାରା 72418 ହେକ୍ଟର ଜମି ଜଳସେଚିତ ହୋଇପାରିଛି । ଏହି ଆଡିବନ୍ଧ ସବୁ ମରୁଡି କବଳରୁ ଶସ୍ୟକୁ ରକ୍ଷା କରିପାରିଛି । 2016-17 ଆର୍ଥିକ ବର୍ଷରେ 4000 ଆଡିବନ୍ଧ ନିର୍ମାଣର ପ୍ରସ୍ତାବ ଅଛି ।

**19.** ବଜେଟ୍ ବର୍ହିଃଭୂତ ସମ୍ବଳ ସହ ବଜେଟ୍‌ରେ ଆକଳିତ ହୋଇଥିବା ଅର୍ଥର ସମିଶ୍ରଣ ଆମର ଲକ୍ଷ୍ୟ । ତଦନୁଯାୟୀ ଶିଳ୍ପାନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଅର୍ଥରେ ଜଳ ସଂରକ୍ଷଣ ପାଣ୍ଠି ସୃଷ୍ଟି କରାଯାଇ ପାରିଛି । ନଦୀର ଉପର

ମୁଣ୍ଡରେ ବ୍ୟାରେଜ, ନଦୀବନ୍ଧ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସ୍ଥାପନ ଦ୍ୱାରା ଜଳ ସଂରକ୍ଷଣ କରି ସ୍ୱଳ୍ପ ବୃଷ୍ଟି ସମୟରେ ବ୍ୟବହାର କରାଯାଇପାରିବ । ଜଳସିଞ୍ଚନ  ଯନ୍ତ୍ର ଓ ବିନ୍ଦୁ ସିଞ୍ଚନ ପଦ୍ଧତି ପ୍ରତ୍ୟେକ ଉଠାଜଳସେଚନ ପ୍ରକଳ୍ପରେ ବ୍ୟବହାର କରାଯିବା କଥା ଚିନ୍ତା କରାଯାଉଛି । ଏଥିପାଇଁ କୃଷି ବିଭାଗରେ କାର୍ଯ୍ୟକାରୀ କରାଯାଉଥିବା ଅଣୁ ଜଳସେଚନ ଯୋଜନା ସହ ସଂଯୋଗୀକରଣ ହେବ ।

20.  ପୂର୍ବରୁ ସୃଷ୍ଟି ହେଉଥିବା ପ୍ରାୟ 30 ପ୍ରତିଶତ ଜଳସେଚନ ସାମର୍ଥ୍ୟ ତଥା ଆୟକଟ ବିଭିନ୍ନ କାରଣରୁ ହ୍ରାସ ପାଇଛି । ସେଗୁଡ଼ିକ ହେଲା ଜଳାଶ୍ରୟରେ ପଟୁମାଟି ଜମିବା, ଜଳ ଆବଣ୍ଟନ ବ୍ୟବସ୍ଥାର ଅବନତି ଓ ଉଠା ଜଳସେଚନ ପ୍ରକଳ୍ପର ଗୁଡ଼ିକର ଉତ୍ସରେ  ଶୁଷ୍କତା । ଆୟକଟର ବ୍ୟାପକ ସଂପ୍ରସାରଣ, ନବୀକରଣ ଓ ଆଧୁନିକୀକରଣ (E.R.M.) ଜରିଆରେ ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ଯୋଜନା ଏବଂ ଅଚଳ ହୋଇଥିବା ଉଠାଜଳସେଚନ ପ୍ରକଳ୍ପ ଗୁଡିକୁ ପୁନଃକ୍ଷମ କରାଯିବାର ଯୋଜନା ରହିଛି, ଯାହାଦ୍ୱାରା ଲୁପ୍ତ ଆୟକଟର ପୁନଃସଂସ୍ଥାପନ ଓ ପରିକଳ୍ପିତ ଜଳସେଚନ ସାମର୍ଥ୍ୟକୁ ଉପଯୋଗ କରାଯାଇପାରିବ।

21. ପ୍ରତ୍ୟେକ ଜଳବିନ୍ଦୁ ମୂଲ୍ୟବାନ । ଏଣୁ ଆମେମାନେ ଅଧିକ ଦାୟୀତ୍ୱବାନ ଓ ଦକ୍ଷତାପୂର୍ଣ୍ଣ ଭାବେ ଜଳର ସୁବିନିଯୋଗ କରିବା, ଯାହା ଦ୍ୱାରା କି ବର୍ତ୍ତମାନ ମିଳୁଥିବା ଜଳରାଶିର ଉପଯୁକ୍ତ ବିନିଯୋଗ କରି ସର୍ବାଧିକ ଉତ୍ପାଦନ କରାଯାଇ ପାରିବ । ଅଧିକ ଶସ୍ୟ ପାଇ ଏକ ବୁନ୍ଦା ଜଳ "Per drop more crop"  ଲକ୍ଷ୍ୟ ହାସଲ ପାଇଁ  ଆମକୁ ଜଳ ବ୍ୟବହାରକାରୀଙ୍କୁ ସଚେତନ କରିବାର ଆବଶ୍ୟକତା ଅଛି । ସୁତରାଂ ଜଳ ବ୍ୟବହାରକାରୀ ସମୁଦାୟ, ଯାହା ପାଣି ପଞ୍ଚାୟତ ଭାବେ ପରିଚିତ,

ତାହାର ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧିପାଇଁ ବିସ୍ତୃତ ପଦକ୍ଷେପର ଆବଶ୍ୟକତା ରହିଛି । ଏହାଦ୍ୱାରା ସେମାନେ ଆଧୁନିକ ଜଳସେଚନ କୌଶଳ, ଶସ୍ୟ ବିବିଧିକରଣ ଏବଂ ପର୍ଯ୍ୟାୟ ଭିତ୍ତିକ ଜଳସେଚନ ସମ୍ବନ୍ଧରେ ପ୍ରଶିକ୍ଷିତ ହୋଇପାରିବେ । ଆମେ 12ଟି ବୃହତ, ମଧ୍ୟମ ଏବଂ ୩୨ ଟି କ୍ଷୁଦ୍ର ପ୍ରକଳ୍ପର କେନାଲର ସିମେଣ୍ଟ ଲାଇନିଂ ପ୍ରକଳ୍ପ ହାତକୁ ନେଇଛୁ । ଏହାଦ୍ୱାରା ଜଳ ପରିବହନ କ୍ଷତିକୁ  କମାଯାଇ ପାରିବ । ସଂପ୍ରତି ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ପରିସରକୁ ବୃଦ୍ଧି କରାଯାଇଛି, ଯାହାକି ସହଭାଗିତା ଜଳସେଚନ ପରିଚାଳନା ଦ୍ୱାରା ସେଚାଞ୍ଚଳ କ୍ଷେତ୍ରରେ ଜଳର ନ୍ୟାୟସଂଗତ ଓ ସୁଷମ ବଣ୍ଟନରେ  ସହାୟକ ହେବ ।

**22.** ଭୂ-ପୃଷ୍ଠ ଓ ଭୂ-ତଳ ଜଳର ସାମଗ୍ରିକ ପରିଚାଳନା ସହ ଆମ୍ଭେମାନେ ମଧ୍ୟ ବନ୍ୟା ନିୟନ୍ତ୍ରଣ ଓ ଜଳବନ୍ଦୀ କ୍ଷେତ୍ରରେ Drainage ବ୍ୟବସ୍ଥାର ଉନ୍ନତିକରଣ, ବନ୍ଧ ସୁରକ୍ଷା ଏବଂ ବୃହତ ଓ ମଧ୍ୟମ ଜଳ ପ୍ରକଳ୍ପ ଗୁଡିକର ପୁନଃନିର୍ମାଣ ଓ ଭୂ-ତଳ ଜଳ ସର୍ବେକ୍ଷଣ ଆଦି କ୍ଷେତ୍ରରେ ଆମର କାର୍ଯ୍ୟକ୍ରମ ଜାରି ରଖିବୁ ।

**23.** 2015-16 ଆର୍ଥିକ ବର୍ଷ ପାଇଁ ଉଭୟ ଯୋଜନା ଓ ଅଣ-ଯୋଜନା କ୍ଷେତ୍ରରେ ଜଳ ସମ୍ପଦ ବିଭାଗ ପାଇଁ 6212.15 କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ଥିବା ବେଳେ  2016-17 ଆର୍ଥିକ ବର୍ଷରେ ଏହି ବ୍ୟୟ ବରାଦ ପ୍ରସ୍ତାବ 7241.66 କୋଟି ଟଙ୍କା ଅଟେ,  ଯାହାକି 16.57 ପ୍ରତିଶତ ଅଧିକ ।

**କୃଷି**

24. ସଂପ୍ରତି ଆମ ଦେଶରେ କୃଷି ନୀତି ଉପରେ ବିତର୍କ 'ଉତ୍ପାଦ ବୃଦ୍ଧି ଲକ୍ଷ୍ୟ ବନାମ୍ ବଜାର ଚାହିଦା' ଉପରେ କେନ୍ଦ୍ରୀଭୁତ । ଆଜି ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚ ନୀତି ଏବଂ ଗବେଷଣାର ଦିଗ ଉତ୍ପାଦ ଲକ୍ଷ୍ୟ ଉପରେ ହିଁ ଆଧାରିତ । ଏହାର ଫଳ ସ୍ୱରୂପ ଚାଷୀ ଅଧିକ ଆୟକାରୀ ଫସଲ ପରିବର୍ତ୍ତେ ସ୍ୱଳ୍ପ ମୂଲ୍ୟର ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଭାବିତ ହୋଇଛି । ଏଣୁ କୃଷି କ୍ଷେତ୍ରରୁ ଆୟ ବୃଦ୍ଧି ଓ କୃଷିକୁ ଅଧିକ ଲାଭପ୍ରଦ ପୋଷଣୀୟ ଏବଂ ସ୍ଥିତିସ୍ଥାପକ (resilient) କରିବା ପାଇଁ ଆମ ନୀତି ଓ ଆନୁଷ୍ଠାନିକ ପ୍ରକ୍ରିୟାରେ ନୂଆ ଦିଗଦର୍ଶନର ଆବଶ୍ୟକତା ରହିଛି । ଆମକୁ ଖାଦ୍ୟ ନିରାପତ୍ତା ଆଣିବାର ଲକ୍ଷ୍ୟରୁ ବିଚ୍ୟୁତ ନହୋଇ ଏହି ଦିଗରେ ଅଗ୍ରସର ହେବାକୁ ପଡ଼ିବ ।

25. ଚାଷର ବିବିଧିକରଣ, ଅମଳ ପରବର୍ତ୍ତୀ ମୂଲ୍ୟଯୁକ୍ତ ବ୍ୟବସ୍ଥା ଏବଂ କୃଷି ଓ ଆନୁସଙ୍ଗିକ ଉତ୍ପାଦର ବଜାର ସହ ସଂଯୋଗୀକରଣ ଦ୍ୱାରା ଏକ ଗୁଣବାନ ଚକ୍ର (Virtuous Cycle) ସୃଷ୍ଟି କରିବାକୁ ଅନେକ ପଦକ୍ଷେପ ଗ୍ରହଣ କରିଛୁ ।

26. ବର୍ତ୍ତମାନ ଏହା ଅନୁଭବ କରାଯାଉଛି ଯେ ଫସଲ ବିବିଧିକରଣରେ ଧାନ ପରିବର୍ତ୍ତେ ଅନ୍ୟ ଶସ୍ୟ ଯଥା ମକା, ମାଣ୍ଡିଆ ଏବଂ ଡାଲି ଜାତୀୟ ଶସ୍ୟ ଏବଂ ଅନ୍ୟ ଉଚ୍ଚ ମୂଲ୍ୟଯୁକ୍ତ ଶସ୍ୟ ଉତ୍ପାଦନ ଦ୍ୱାରା କୃଷି ଉତ୍ପାଦକତା ଓ କୃଷି ଆୟ ବୃଦ୍ଧି ହୋଇ ପାରିବ । ରାଜ୍ୟର ବିସ୍ତୃତ ଅଞ୍ଚଳ ପଡ଼ିଆ ପଡିଛି । କୂପ ଖନନ କରି ରକ୍ଷଣାତ୍ମକ ଜଳସେଚନ ଦ୍ୱାରା ଉପଯୁକ୍ତ ଶସ୍ୟ ଯଥା ଡାଲି ଜାତୀୟ ଶସ୍ୟ ଉତ୍ପାଦନ କରାଯିବ ।

27. ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳରେ ଓ ବିଭିନ୍ନ କୃଷି ଜଳବାୟୁ କ୍ଷେତ୍ର (Agro climatic zone)ରେ ମକା ଓ ମାଣ୍ଡିଆ ଚାଷ କରାଯାଇଥାଏ ଏବଂ ଏହା ଉଭୟ ଖରିଫ ଓ ରବି ଫସଲ ହିସାବରେ ବର୍ଷ ତମାମ ଚାଷ କରାଯାଇଥାଏ । କହିବା ବାହୁଲ୍ୟ ଯେ ଉଭୟ ମକା ଏବଂ ମାଣ୍ଡିଆ ଉଚ୍ଚ ପୁଷ୍ଟିଯୁକ୍ତ ଖାଦ୍ୟ ଅଟେ ଏବଂ ଏହା ଗୋ ଖାଦ୍ୟ, କୁକ୍କୁଟ ଖାଦ୍ୟ ଏବଂ ମାଛ ମାନଙ୍କୁ ଦିଆଯାଉଥିବା ଖାଦ୍ୟ ରୂପେ ଏବଂ ଶିଳ୍ପରେ ମଧ୍ୟ ବ୍ୟବହୃତ ହୁଏ । ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା ମକା ପ୍ରକ୍ରିୟାକରଣ ଦ୍ୱାରା ଏହାକୁ ମୂଲ୍ୟଯୁକ୍ତ କରିବା ପାଇଁ ଫସଲ ଅମଳ ପରବର୍ତ୍ତୀ ପରିଚାଳନା ବ୍ୟବସ୍ଥାର ଉନ୍ନତି ଯଥା ସଂରକ୍ଷଣ, ବଛାବଛି ଏବଂ ମାନନିର୍ଣ୍ଣୟ ପାଇଁ ପ୍ରସ୍ତାବ ରଖିଛୁ । ସେହିପରି ଆମେ ମାଣ୍ଡିଆକୁ ଆମ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନେଉଛୁ ।

28. ଦିନଥିଲା, ଆଦିବାସୀ ବହୁଳ ଅଞ୍ଚଳ ଏବଂ ଗ୍ରାମାଞ୍ଚଳ ରେ ମାଣ୍ଡିଆ ମୁଖ୍ୟ ଖାଦ୍ୟ ରୂପେ ପରିଗଣିତ ହେଉଥିଲା । ଧିରେ ଧିରେ ଏହି ମାଣ୍ଡିଆ ଆମ ଦୈନନ୍ଦିନ ଖାଦ୍ୟରୁ ଅପସରି ଗଲା । ଏହା ଅତି ଆଶ୍ଚର୍ଯ୍ୟର କଥା ଯେ ବିଦେଶରୁ ଆମଦାନୀ ହେଉଥିବା ଯବ (oats) ନିପଟ ଗ୍ରାମାଞ୍ଚଳର ତେଜରାତି ଦୋକାନରେ ଦେଖିବାକୁ ମିଳୁଛି । ମାଣ୍ଡିଆ ଆମର ପ୍ରାଚୀନ ସଭ୍ୟତାର ଅଂଶ ଏବଂ ଏହାକୁ ଆମର ପୃଷ୍ଠପୋଷକତା ଓ ଧ୍ୟାନର ଆବଶ୍ୟକତା ରହିଛି । ଆମେ ମାଣ୍ଡିଆକୁ ପୁଣି ମୁଖ୍ୟ ସ୍ରୋତକୁ ଆଣିବାକୁ ପ୍ରସ୍ତାବ ରଖୁଛୁ । ଏହା କେବଳ ଆରମ୍ଭ ମାତ୍ର । ଏହି ମାଣ୍ଡିଆ ଭବିଷ୍ୟତରେ ଲୋକପ୍ରିୟ ହେବ । ଆଦିବାସୀ ଅଞ୍ଚଳରେ ମାଣ୍ଡିଆର ଉତ୍ପାଦନ ବୃଦ୍ଧି ପାଇଁ "ଆଦିବାସୀ ଅଞ୍ଚଳରେ ମାଣ୍ଡିଆ ପାଇଁ ସ୍ୱତନ୍ତ୍ର ଯୋଜନା" ନାମରେ ଏକ ଯୋଜନା ପ୍ରଚଳନ କରାଯିବ । ଆର୍ଥିକ

ବର୍ଷ 2016-17 ମଧ୍ୟରେ ଆଦିବାସୀ ଜିଲ୍ଲାମାନଙ୍କରେ ସମନ୍ୱିତ ଚାଷ ବ୍ୟବସ୍ଥାକୁ ସହାୟତା ନାମରେ ମଧ୍ୟ ଏକ ନୂତନ ଯୋଜନା ପ୍ରଚଳନ କରାଯିବ । ଏହି ଯୋଜନାର ଆଭିମୂଖ୍ୟ ହେଉଛି ଆଦିବାସୀ ଜିଲ୍ଲାମାନଙ୍କରେ ଜଳବିଭାଜିକା ଅଞ୍ଚଳରେ ଚାଷୀମାନଙ୍କର ରୋଜଗାର ବୃଦ୍ଧି ।

**29.** ଜାତୀୟ ଓ ରାଜ୍ୟ ସ୍ତରର କୃଷିଗବେଷଣା ସଂସ୍ଥାନର ବୈଜ୍ଞାନିକ ଓ କୃଷି ସଂପ୍ରସାରଣ କର୍ମୀଙ୍କର ଉତ୍ସର୍ଗିକୃତ କାର୍ଯ୍ୟର ପ୍ରତିଫଳନ ହେଉଛି ସବୁଜ ବିପ୍ଳବର ସଫଳତା । ସୁତରାଂ ଆମେ ସଂପ୍ରସାରଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରସ୍ତାବ ରଖିଛୁ । ଏହା ସଂପ୍ରସାରଣ କର୍ମୀମାନଙ୍କର ନିୟମିତ ପ୍ରଶିକ୍ଷଣ ଏବଂ ସେମାନଙ୍କର କୃଷକମାନଙ୍କୁ ବାରମ୍ବାର ଭେଟିବାର କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷିତ । ଶିକ୍ଷା ଗ୍ରହଣ ପରେ କୃଷକମାନଙ୍କ ସମସ୍ୟା ଜନିତ ମତାମତକୁ ଆଖିରେ ରଖି ସେମାନଙ୍କୁ ସହାୟତା ପ୍ରଦାନ କରାଯିବ ।

**30.** ରାଜ୍ୟର କୃଷି କ୍ଷେତ୍ରର ଉନ୍ନତି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ କୃଷି ଗବେଷଣା ସଂସ୍ଥା ଯଥା Indian Council of Agricultural Research (ICAR), International Rice Research Institute (IRRI), International Centre for Agricultural Research in Dry Areas (ICARDA) ଓ International Potato Centre (CIP)ରୁ ବୈଷୟିକ ସହାୟତାକୁ ଗ୍ରହଣ କରାଯିବ । ଏହାଦ୍ୱାରା ସେମାନଙ୍କର ବିକଶିତ ହୋଇଥିବା ଆଧୁନିକ ବୈଷୟିକ ଜ୍ଞାନ ଉପଲବ୍ଧ ହେବ । ଏଥିପାଇଁ "ଅନ୍ତର୍ଜାତୀୟ ସଂସ୍ଥାନ ସହାୟତା ଦ୍ୱାରା କୃଷିର ଉନ୍ନତି" ନାମକ ଏକ

ଯୋଜନାର ଶୁଭାରମ୍ଭ ହେବ । ଏହା ପରୀକ୍ଷାଗାର ରୁ କ୍ଷେତ୍ର ପର୍ଯ୍ୟନ୍ତ ଆଧୁନିକ କୃଷି ପ୍ରଣାଳୀକୁ ପହଞ୍ଚାଇବାରେ ସହାୟକ ହେବ ।

**31.** ଚାଷୀମାନଙ୍କର ଆୟ ବୃଦ୍ଧି ପାଇଁ ମୂଲ୍ୟଯୁକ୍ତ ବ୍ୟବସ୍ଥା ଏକ ପ୍ରମୁଖ କ୍ଷେତ୍ର ଭାବେ ସ୍ୱୀକୃତିଲାଭ କରିଛି । ଏହା କେବଳ ଉତ୍ପାଦନ ଉପରେ ମୂଲ୍ୟଯୁକ୍ତ କରିବ ନାହିଁ ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ କୃଷିରୁ ଅଣ-କୃଷି କ୍ଷେତ୍ରକୁ କୃଷି ଶ୍ରମିକମାନେ ସ୍ଥାନାନ୍ତରିତ ହେବେ । ଏହାକୁ ଦୃଷ୍ଟିରେ ରଖି 2016-17 ଆର୍ଥିକ ବର୍ଷରେ କୃଷି ଭିତ୍ତିକ ଶିଳ୍ପାଞ୍ଚଳ ଏବଂ ଫୁଡ ପାର୍କ ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବ ।

**32.** ସ୍ତ୍ରୀ ଲୋକମାନେ କୃଷି ଶ୍ରମିକବଳର ଏକ ପ୍ରମୁଖ ଅଂଶ ଅଟନ୍ତି ଏବଂ ସେମାନେ କୃଷି ଉତ୍ପାଦନ ପାଇଁ ସିଧା ସଳଖ ଭାବେ ଶ୍ରମଦାନ କରନ୍ତି । କୃଷି କ୍ଷେତ୍ରର ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ସ୍ତ୍ରୀ ଲୋକମାନଙ୍କର ଦକ୍ଷତାର ଉନ୍ନତିକରଣ ଏବଂ ସଶକ୍ତିକରଣ ପ୍ରମୁଖ ମାଧ୍ୟମ ଅଟେ । କଠିନ ପରିଶ୍ରମରୁ ମୁକ୍ତି ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ "ଓଡ଼ିଶାରେ କୃଷି କାର୍ଯ୍ୟ କରୁଥିବା ସ୍ତ୍ରୀ ଲୋକମାନଙ୍କ ପାଇଁ ଅନୁକୂଳ କୃଷି ଉପକରଣ (gender friendly tools) ପାଇଁ ପ୍ରୋତ୍ସାହନ" ନାମରେ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯିବାର ପ୍ରସ୍ତାବ ଅଛି ।

**33.** ବିହନ, ସାର ଏବଂ କୀଟନାଶକ ଔଷଧ କୃଷି ଉତ୍ପାଦନର ଉନ୍ନତି ପାଇଁ ତିନୋଟି ପ୍ରମୁଖ ଉପାଦାନ । ଶସ୍ୟ ଉତ୍ପାଦନ ଓ ବିହନର ଗୁଣବତ୍ତା ଏବଂ ମୃତ୍ତିକାର କିସମ ଅନୁଯାୟୀ ଉପଯୁକ୍ତ ସାର ପ୍ରୟୋଗ ମଧ୍ୟରେ ସିଧା ସଳଖ ସହ ସମ୍ବନ୍ଧ (Correlation) ଅଛି । ସାରର ସୁଷମ ବଣ୍ଟନ ପାଇଁ "ରାଜ୍ୟ ସଂଗ୍ରହଣ ସଂସ୍ଥାକୁ ଅନୁଦାନ" ନାମକ ଏକ ଯୋଜନା

ପ୍ରଣୟନ କରାଯିବ  ଯାହାକି ସଂଗ୍ରହଣ କରୁଥିବା ସଂସ୍ଥା ମାନଙ୍କର ଖର୍ଚ୍ଚକୁ ତୁଲାଇବାରେ ସାହାଯ୍ୟ କରିବ ଏବଂ ଏହା ଦ୍ୱାରା ସୁଲଭ ମୂଲ୍ୟରେ ଆବଶ୍ୟକ ପରିମାଣର ବିଭିନ୍ନ ସାର ଉପଲବ୍ଧ ହେବ । ଉଭୟ ବିହନ ଓ ସାରକୁ ଆଗରୁ ମହଜୁଦ ରଖିବା ପାଇଁ 100 କୋଟି ଟଙ୍କାର ପୃଥକ ପୃଥକ ପୁନର୍ଭରଣୀୟ ପାଣ୍ଠି ସୃଷ୍ଟି ହୋଇଛି । ଏହା ଆବଶ୍ୟକତା ଅନୁଯାୟୀ ଉଚ୍ଚମାନର ବିହନ ଓ ସାର ବିହନ ବୁଣା ଋତୁ ପୂର୍ବରୁ ସଂଗ୍ରହ କରିବାରେ ସହାୟକ ହେବ ।

**34.** ଏକ ସମନ୍ୱିତ, ଉନ୍ନତ ଏବଂ କାର୍ଯକ୍ଷମ ଯୋଗାଣ ଶୃଙ୍ଖଳା (Supply Chain) କ୍ଷୁଦ୍ର ଚାଷୀ ମାନଙ୍କ ପାଇଁ ବିପଣନ ସୁଯୋଗ ଆଣିପାରିବ ଯାହାଦ୍ୱାରା ଉତ୍ପାଦନକାରୀ ଏବଂ ଉପଭୋକ୍ତା ମାନଙ୍କୁ ସଂଯୋଗ କରି  କିଣାବିକାର ଖର୍ଚ୍ଚକୁ ହ୍ରାସ କରାଯାଇ ପାରିବ । ଏହା ଚାଷୀମାନଙ୍କୁ କୃଷି ଉତ୍ପାଦ ପାଇଁ ଉତ୍ତମ ମୂଲ୍ୟ ପାଇବାରେ ସାହାଯ୍ୟ କରିବ । ରାଜ୍ୟର କୃଷକମାନଙ୍କ ପାଇଁ ବଜାର ସଂଯୋଗୀକରଣ ନିମନ୍ତେ ବିଭିନ୍ନ ପ୍ରକାରର ଉଦ୍ୟମ ଆରମ୍ଭ କରାଯିବାର ପ୍ରସ୍ତାବ ରହିଛି ।

**35.** "କୃଷି ଉତ୍ପାଦକ ସଂସ୍ଥାକୁ ସହାୟତା" (Farmer's Producers Organization) କୁ ସହାୟତା ପାଇଁ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି । ଚାଷୀମାନଙ୍କୁ ଉତ୍ପାଦକ ସଂଘର ସଭ୍ୟ ଭାବେ ଗ୍ରହଣ କରି ଉତ୍ପାଦନ, ଉତ୍ପାଦକତା ଏବଂ ଲାଭ ବୃଦ୍ଧି  କରିବା ପାଇଁ ପ୍ରବର୍ତ୍ତାଇବା ଏହାର ଲକ୍ଷ୍ୟ । ଏହି ସଂସ୍ଥାସବୁ ବଜାର (Mandi) ସହିତ ସଂଯୋଗୀକରଣ କରାଯିବ ଏବଂ ଇ-ବଜାରରେ ପରିଣତ କରାଯିବ । ପୁନଶ୍ଚଃ ଭୁବନେଶ୍ୱର ଠାରେ ସରକାରୀ ଓ ବେସରକାରୀ ସହଭାଗିତାରେ ଏକ ଫୁଲ ବଜାର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ଅଛି ।

ଏହା ଦ୍ୱାରା ଉତ୍ପାଦନକାରୀ ଗୋଷ୍ଠୀ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ସଂଯୋଗୀକରଣ ସମ୍ଭବ ହେବ । ସେହିପରି ଫଳ ଓ ପରିବା ବିପଣନ ପାଇଁ ଏକ କମ୍ପାନି ପ୍ରତିଷ୍ଠା କରିବାର ପ୍ରସ୍ତାବ ଅଛି ।

**36.** ଆମ ରାଜ୍ୟରେ କୃଷି ଭିତ୍ତିକ ଉଦ୍ୟୋଗ ସ୍ଥାପନା ପାଇଁ ପ୍ରୋତ୍ସାହନ ଦେବାକୁ ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ (Start-up Programme) ଆରମ୍ଭ କରିବାକୁ ଯାଉଛୁ । ଏହା ପୁଞ୍ଜି ନିବେଶ ଏବଂ କୃଷି ଯାନ୍ତ୍ରିକୀକରଣ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟକ୍ଷମ ହେବ । ଏହା କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବେକାର ସ୍ନାତକମାନଙ୍କୁ କୃଷି ଭିତ୍ତିକ ଉଦ୍ୟୋଗ ଆରମ୍ଭ ପାଇଁ ପ୍ରୋତ୍ସାହିତ କରିବ ।

**37.** ଆର୍ଥିକ ବର୍ଷ 2015-16 ରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ବ୍ୟୟ ବରାଦ 3124.38 କୋଟି ଟଙ୍କା ଥିବା ବେଳେ 2016-17 ଆର୍ଥିକ ବର୍ଷରେ ଏହା ପ୍ରାୟ 10.07 ପ୍ରତିଶତ ବୃଦ୍ଧି ପାଇ 3438.91 କୋଟି ଟଙ୍କାରେ ପହଞ୍ଚିଛି ।

**<u>ସମବାୟ</u>**

**38.** ସମବାୟ ଋଣ ଓ ଶସ୍ୟବୀମା ଚାଷ କାର୍ଯ୍ୟରେ ଋଣର ଆବଶ୍ୟକତାକୁ ପୁରଣ କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରମୁଖ ଭୁମିକା ନିଭାଇ ଥାଏ ।

**39.** ଚଳନ୍ତି ପୁଞ୍ଜି ଓ ପୁଞ୍ଜି ବିନିଯୋଗ ପାଇଁ ଆବଶ୍ୟକ ଉଭୟ ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦି ଋଣ ଉପରେ ଆମେ ସୁଧ ରିହାତି ଦେଇଥାଉ । ମରୁଡି ପରବର୍ତ୍ତୀ ସମୟରେ 2015-16 ଆର୍ଥିକ ବର୍ଷରେ ସ୍ୱଳ୍ପ ମିଆଦି

ଋଣକୁ 3 ବର୍ଷରେ ମଧ୍ୟମ ମିଆଦି ଋଣରେ ପରିବର୍ତ୍ତନ କରିବା ପାଇଁ ଋଣ ରିହାତି ମାଧ୍ୟମରେ 227.38 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଆର୍ଥିକ ବର୍ଷ 2016-17 ରେ ପ୍ରାୟ 2 ଲକ୍ଷ କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ ନିମିତ୍ତ ପ୍ରସ୍ତାବ ରହିଛି । ଏତଦ୍‌ବ୍ୟତୀତ ବ୍ୟାଙ୍କ ଓ PACS ଗୁଡିକ ଜରିଆରେ କୃଷକ ମାନଙ୍କୁ ସୁଧ ଉପରେ ରିହାତି ପ୍ରଦାନ ପାଇଁ 435.48 କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । ଏଥିରେ 50 ହଜାର ଟଙ୍କା ପର୍ଯ୍ୟନ୍ତ ଶସ୍ୟ ଋଣ ନେଇଥିବା ଚାଷୀ ମାନଙ୍କୁ ଠିକଣା ସମୟରେ ଋଣ ପରିଶୋଧ କଲେ କେବଳ ଏକ ପ୍ରତିଶତ ହାରରେ ସୁଧ ଦେବାକୁ ପଡିବ ।

**40.** ଚାଷ ଜମିର କ୍ଷୁଦ୍ରତା ହେତୁ ଚାଷୀ ପରିବାରମାନଙ୍କର ଆର୍ଥିକ କ୍ଷତି ଭରଣା କରିବାର କ୍ଷମତା ସିମୀତ । ତେଣୁ ସେମାନଙ୍କର ଆର୍ଥିକ ଦୂରାବସ୍ଥାକୁ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶମିତ କରିବା ପାଇଁ ଉପଯୁକ୍ତ କ୍ଷତିପୂରଣ ଏବଂ ବୀମାର ଆବଶ୍ୟକତା ରହିଛି । ପ୍ରଚଳିତ ଜାତୀୟ କୃଷି ବୀମା ଯୋଜନା ପାଇଁ ପ୍ରିମିୟମ ବାବଦକୁ ରାଜ୍ୟ ଅଂଶ ହିସାବରେ 800 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାର ସଂଶୋଧିତ ରୂପରେଖ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । ଏତଦ୍‌ବ୍ୟତୀତ ସଦ୍ୟ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟ ଅଂଶ ପ୍ରିମିୟମ ବାବଦକୁ 300 କୋଟି ଟଙ୍କା ଦେବାର ପ୍ରସ୍ତାବ ରହିଛି ଯାହା

ଖରିଫ୍ 2016 ଅର୍ଥାତ୍ ଅପ୍ରେଲ 2016 ରୁ ଚାଲୁରହିଥିବା ଯୋଜନା ବଦଳରେ କାର୍ଯ୍ୟକାରୀ ହେବ ।

**41.** PACS ଏବଂ LAMPS ସ୍ତରରେ ଜାତୀୟ ଗ୍ରାମୀଣ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (NABARD) ଜରିଆରେ ପଣ୍ୟାଗାର ଭିତ୍ତିଭୂମି ପାଣ୍ଠି ଅଧୀନରେ ଗୋଦାମଘର ନିର୍ମାଣ ହେବ । ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ପଣ୍ୟାଗାର ଭିତ୍ତିଭୂମି ପାଣ୍ଠିରୁ ଏହାର ଶତକଡ଼ା ୨୦ ଭାଗ ଋଣ ହିସାବରେ ଯୋଗାଇ ଦେବେ । ପଞ୍ଚାୟତି ରାଜ ବିଭାଗ ଏହି ଗୋଦାମଘର ନିର୍ମାଣ ପାଇଁ କାର୍ଯ୍ୟ ନିର୍ବାହୀ ସଂସ୍ଥା ହେବ । ଏଥିପାଇଁ ବଜେଟ୍‌ରେ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**42.** ସମବାୟ ବିଭାଗର ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2015-16 ଆର୍ଥିକ ବର୍ଷରେ ବ୍ୟୟ ବରାଦ ୪92.27 କୋଟି ଟଙ୍କା ଥିବା ବେଳେ 2016-17 ଆର୍ଥିକ ବର୍ଷରେ ଏହା 104.17 ପ୍ରତିଶତକୁ ବୃଦ୍ଧି ପାଇ 1821.73 କୋଟି ଟଙ୍କାରେ ପହଁଞ୍ଚିଛି ।

## <u>ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ</u>

**43.** ମତ୍ସ୍ୟ ଚାଷ, ଗୋ ପାଳନ, କୁକୁଡା ଚାଷ ଓ ପଶୁ ପାଳନ ବୃତ୍ତି ଅଧିକ ଲାଭ ପ୍ରଦାନ କରିଥାଏ । କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କ ମଧ୍ୟରେ ଦାରିଦ୍ର୍ୟ ହାର ଅଧିକ ଥିବାରୁ ସେମାନେ ମିଶ୍ରିତ ଚାଷ ପ୍ରଣାଳୀ ଦ୍ୱାରା ଦାରିଦ୍ର୍ୟରୁ ମୁକ୍ତ ହୋଇ ପାରିବେ ।

**44.** ଭବିଷ୍ୟତରେ ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ଚାଷ ଓ ପଶୁ ପାଳନ ଅଧିକ ଗୁରୁତ୍ୱ ବହନ କରିବ । ଏଣୁ ଚାଷୀମାନେ ଏହି ଉଚ୍ଚ ମୂଲ୍ୟଯୁକ୍ତ ବୃତ୍ତିକୁ ଅବଲମ୍ବନ  କରି ଉତ୍ପାଦନ କ୍ଷମତା, ନିଯୁକ୍ତି ସୃଷ୍ଟି ଓ ଆୟ ବୃଦ୍ଧି ପାଇଁ ସୁଯୋଗ ପାଇବେ ।

**45.** ମତ୍ସ୍ୟ ଚାଷ କ୍ଷେତ୍ରରେ ଦ୍ରବ୍ୟ ଗୁଡ଼ିକର ସୁପରିବହନ କରିବା ନିମିତ୍ତ 107 ଗୋଟି ଖାରିଆ କ୍ଲଷ୍ଟରକୁ ସଂଯୋଗ କରିବା ପାଇଁ 468.50 କି.ମି. ରାସ୍ତା ନିର୍ମାଣ କରାଯାଉଛି ।  ଏତଦ୍‌ବ୍ୟତୀତ, ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ସହାୟତାରେ ମତ୍ସ୍ୟ ସଂଗ୍ରହ କେନ୍ଦ୍ର ଓ ମାଛ ଧରା ବନ୍ଦର ନିର୍ମାଣ କରାଯାଉଛି ।

**46.** ଅନ୍ତର୍ଦ୍ଦେଶୀୟ  କ୍ଷାର ଜଳ ଓ ସାମୁଦ୍ରିକ ସମ୍ପଦରୁ ଅଧିକ ଉତ୍ପାଦନ ପାଇଁ ଏକ ନୂତନ  ଓଡ଼ିଶା ମତ୍ସ୍ୟ ନୀତି, 2015 ପ୍ରଣୟନ କରାଯାଇଛି । ଏହି କ୍ଷେତ୍ର ଭିତ୍ତିକ ନୀତି ଅନୁସାରେ ମତ୍ସ୍ୟ ଉତ୍ପାଦନ ବର୍ତ୍ତମାନ 4.79 ଲକ୍ଷ ଟନ ଥିବାସ୍ଥଳେ 2019-20 ବର୍ଷ ଶେଷ ସୁଦ୍ଧା 7.15 ଲକ୍ଷ ଟନ ହେବବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମଧୁର ଜଳରେ ମତ୍ସ୍ୟ ଉତ୍ପାଦନ 2.63 ଲକ୍ଷ ଟନ ଥିବାସ୍ଥଳେ 2019-20 ବର୍ଷ ସୁଦ୍ଧା ଏହା ବୃଦ୍ଧି ପାଇ 5.30 ଲକ୍ଷ ଟନରେ ପହଁଞ୍ଚିବାର ଯୋଜନା ଅଛି । 30 ଗୋଟି ଜିଲ୍ଲାରେ ମଧୁର ଜଳରେ ମତ୍ସ୍ୟ ଚାଷ ପାଇଁ 15000 ହେକ୍ଟର ପରିମିତ ନୂତନ ପୋଖରୀ ଓ ଜଳାଶୟର ଉନ୍ନତିକରଣର ପ୍ରସ୍ତାବ ରହିଛି । ଏହା 60000 ବ୍ୟକ୍ତିଙ୍କର ନିଯୁକ୍ତି ସୁବିଧା ସୃଷ୍ଟି କରିବ ।

47. ଏହି ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏକ ନୂତନ "କୁକୁଡା ଚାଷ ଉନ୍ନୟନ ନୀତି, 2015" ପ୍ରଣୟନ କରିଛନ୍ତି , ଏହା ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ 2020 ବର୍ଷ ସୁଦ୍ଧା ବାଣିଜ୍ୟିକ ଓ ଘରୋଇ କ୍ଷେତ୍ରରେ କୁକୁଡା ଚାଷ ମାଧ୍ୟମରେ ଦୈନିକ 100 ଲକ୍ଷ ଅଣ୍ଡା ଓ ବାର୍ଷିକ 1 ଲକ୍ଷ ମେଟ୍ରିକ ଟନ କୁକୁଡା ମାଂସ ଉତ୍ପାଦନ ହେବ।

48. ଏହି ବିଭାଗ "କ୍ଷୁଦ୍ର ପଶୁ ଉନ୍ନୟନ ନୀତି" ପ୍ରଣୟନ ପାଇଁ ଉଦ୍ୟମ କରୁଛି । ଏହା ମାଂସ ଉତ୍ପାଦନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିବ । ସ୍ୱଳ୍ପ କ୍ଷମତା ସମ୍ପର୍ଣ୍ଣ ଛେଳି ଫାର୍ମ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । National Livelihood Mission (NLM) ଜରିଆରେ ଚାଷୀ ମାନଙ୍କୁ ଆର୍ଥିକ ସାହାଯ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ରହିଛି ।

49. ରାଜ୍ୟରେ ଦୁଗ୍‌ଧ ପ୍ରଦାନ କାରୀ ପଶୁ ମାନଙ୍କର ଉତ୍ପାଦନ ବୃଦ୍ଧି କରିବାକୁ ପୁଷ୍ଟିକର ପଶୁଖାଦ୍ୟ ଚାଷ ପାଇଁ ପ୍ରମାଣିତ ବିହନ ଯୋଗାଇବାର ପ୍ରସ୍ତାବ ରହିଛି । ରାଜ୍ୟର 314 ଗୋଟି ବ୍ଲକରେ ପଶୁଧନ ସମ୍ପଦର ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଭ୍ରାମ୍ୟମାଣ ପଶୁରୋଗ ୟୁନିଟ୍‌କୁ କାର୍ଯ୍ୟକାରୀ କାରାଯାଇଛି ।

50. ମତ୍ସ୍ୟ ଓ ପଶୁ ସମ୍ପଦର ବିଭାଗରେ 2015-16 ଆର୍ଥିକ ବର୍ଷରେ ଉଭୟ୍ ଅଣ ଯୋଜନା ଓ ଯୋଜନା କ୍ଷେତ୍ରରେ 624.80 କୋଟି ଟଙ୍କା

ବ୍ୟବସ୍ଥା କରାଯାଇଥିବା ସ୍ଥଳେ  2016-17 ଆର୍ଥିକ ବର୍ଷରେ ଏହାକୁ ୫.77 ପ୍ରତିଶତ ବୃଦ୍ଧି କରାଯାଇ 679.60 କୋଟି ଟଙ୍କାରେ ରଖାଯାଇଛି ।

**<u>ଉପସଂହାର</u>**

ଆମର ଭବିଷ୍ୟତ କାର୍ଯ୍ୟପନ୍ଥା ସୁସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ । ଗ୍ରାମାଞ୍ଚଳର ଦାରିଦ୍ର୍ୟ ଏବଂ ଆଞ୍ଚଳିକ ବୈଷମ୍ୟ ହ୍ରାସ ଆମ ସମ୍ମୁଖରେ ସବୁଠାରୁ ବଡ଼ ସମସ୍ୟା ।  ଏହାର ସମାଧାନ କୃଷି କ୍ଷେତ୍ରର ବିକାଶ ଦ୍ୱାରା ହିଁ ସମ୍ଭବ ହେବ । ଆମ ନୀତି ଓ କାର୍ଯ୍ୟକ୍ରମ ଗୁଡିକ ଏସବୁକୁ ସମ୍ମୁଖୀନ ହେବାପାଇଁ ସର୍ବାଦା ସୁନିୟନ୍ତ୍ରିତ । ମୁ ଆଶା କରେ ଯେ, ଏ ବଜେଟ୍‌ରେ ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକ  ଆମର ଆଶା ଓ ଆକାଂକ୍ଷାକୁ ସ୍ପଷ୍ଟ କରିଛି ଓ ଆମର ଭବିଷ୍ୟତର କାର୍ଯ୍ୟପନ୍ଥା ଏଥିରେ ପ୍ରତିଫଳିତ ହେଉଛି ।

ଏ ପ୍ରସଙ୍ଗରେ ଆମ ମାଟିର ଅମର ସନ୍ତାନ ସ୍ୱଭାବ କବି ସ୍ୱର୍ଗତଃ ଗଙ୍ଗାଧର ମେହେରଙ୍କ ଏହି ଉକ୍ତିକୁ ଉଦ୍ଧାର କରିବା ପାଇଁ ଆଜି କାହିଁକି ମୋର ମନ ବଳାଉଛି  -

**"କୃଷି ସିନା ସଂସାରେ ସଭ୍ୟତାର ମୂଳ**

**କୃଷି ଏକା ସକଳ ଜୀବିକାର ଚୂଳ ।"**